रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ ସଂ. ଡି-221

(17)

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
... 277/91
... 14/5/91

| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 (ଶକ) | ଗ୍ରନ୍ଥଖଣ୍ଡ 1 |

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଵିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ଵାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଭାରତୀୟ ବୈବାହିକ ବାଦାର୍ଥ (ଯୁଦ୍ଧ ବିବାହ) ଅଧିନିୟମ, 1948

## 1948 ର ଅଧିନିୟମ ସଂ 40

### କେତେକ ବୈବାହିକ ବାଦାର୍ଥ ପାଇଁ ନ୍ୟାୟାଳୟମାନଙ୍କୁ ଅସ୍ଥାୟୀ ଅଧିକାରିତା ଅର୍ପଣ କରିବାକୁ ଏକ ଅଧିନିୟମ

[ 3 ସେପ୍ଟେମ୍ବର, 1948 ]

ଯେହେତୁ କେତେକ ବୈବାହିକ ବାଦାର୍ଥରେ ନ୍ୟାୟାଳୟମାନଙ୍କୁ ଅସ୍ଥାୟୀ ଅଧିକାରିତା ଅର୍ପଣ କରିବା ସମୀଚୀନ ଅଟେ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

**ସଂକ୍ଷିପ୍ତ ନାମ ଓ ବିସ୍ତାର ।**

1. (1) ଏହି ଅଧିନିୟମ ଭାରତୀୟ ବୈବାହିକ ବାଦାର୍ଥ (ଯୁଦ୍ଧ ବିବାହ) ଅଧିନିୟମ, 1948 ନାମରେ ଅଭିହିତ ହେବ ।

(2) ପହିଲା ନଭେମ୍ବର, 1956 ର ଅବ୍ୟବହିତ ପୂର୍ବେ ଭାଗ ଖ ରାଜ୍ୟରେ ସମାବିଷ୍ଟ ରାଜ୍ୟକ୍ଷେତ୍ର ବ୍ୟତୀତ ଅବଶିଷ୍ଟ ସାରା ଭାରତରେ ଏହା ବିସ୍ତୃତ ଅଟେ ।

**ସଂଜ୍ଞା**

2. ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧାତ୍ମକ ବିଷୟ ନ ଥିଲେ, ଏହି ଅଧିନିୟମରେ—

(କ) "ଉଚ୍ଚ ନ୍ୟାୟାଳୟ" ଅର୍ଥ ଭାରତୀୟ ବିବାହ ବିଚ୍ଛେଦ ଅଧିନିୟମ, 1869 ରେ ଯାହା ଅଛି ତାହା ରହିବ;

(ଖ) "ବିବାହ" ଶବ୍ଦର ଅର୍ଥରେ ମୂଳରୁ ଅସିଦ୍ଧ ହୋଇଥିବା ଏକ ଅଭିପ୍ରେତ ବିବାହ ଅନ୍ତର୍ଗତ ଏବଂ 'ପତି' ଓ 'ପତ୍ନୀ' ଶବ୍ଦକୁ ତଦନୁଯାୟୀ ଅର୍ଥାନ୍ୱୟ କରାଯିବ ।

(ଗ) "ଯୁଦ୍ଧ କାଳ" ଅର୍ଥ 3 ସେପ୍ଟେମ୍ବର, 1939ରୁ ଆରମ୍ଭ ହୋଇ 31 ମାର୍ଚ୍ଚ, 1946ରେ ଶେଷ ହେଉଥିବା କାଳ ।

**ଅଧିନିୟମର ପ୍ରୟୋଗ ।**

3. ଯୁଦ୍ଧ କାଳ ମଧ୍ୟରେ ଅନୁଷ୍ଠିତ ଯେଉଁ ବିବାହର ପତି ବିବାହବେଳେ ଭାରତ ବାହାରେ ଓ ପତ୍ନୀ ବିବାହର ଅବ୍ୟବହିତ ପୂର୍ବେ ଭାରତର ଅଧିବାସୀ ହୋଇଥାନ୍ତି ସେପରି ବିବାହ ଗୁଡ଼ିକ ପ୍ରତି ଏହି ଅଧିନିୟମ ପ୍ରଯୋଜ୍ୟ :

ପରନ୍ତୁ ଯଦି ବିବାହ ଅନୁଷ୍ଠିତ ହେବା ସମୟଠାରୁ ଦଂପତି, ସେହି ଦେଶରେ ଏକତ୍ର ବାସ କରିଥାନ୍ତି ଯହିଁରେ କି ପତି ଏପରି ନିବାସ ସମୟରେ ଅଧିବାସୀ ହୋଇଥାନ୍ତି ତାହାହେଲେ ସେପରି ବିବାହ ପ୍ରତି ଏହି ଅଧିନିୟମ ପ୍ରଯୋଜ୍ୟ ହେବ ନାହିଁ ।

ସ୍ପଷ୍ଟୀକରଣ—ଉପରୋକ୍ତ ପରନ୍ତୁକ ଉଦ୍ଦେଶ୍ୟରେ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକା, ସମଗ୍ର ୟୁନାଇଟେଡ୍ କିଂଗ୍ଡମ ଏବଂ ବ୍ରିଟିଶ ଅଧିକୃତ ସମଗ୍ର ଦେଶବିଶେଷ ପ୍ରତ୍ୟେକେ ଗୋଟିଏ ଦେଶ ବୋଲି ବିବେଚିତ ହେବ ।

**ଉଚ୍ଚ ନ୍ୟାୟାଳୟର ଅଧିକାରିତାର ଅସ୍ଥାୟୀ ବିସ୍ତାର ।**

4. ଏହି ଅଧିନିୟମ ପ୍ରଯୋଜ୍ୟ ହୋଇଥିବା କୌଣସି ବିବାହ କ୍ଷେତ୍ରରେ କୌଣସି ବିବାହବିଚ୍ଛେଦ କାର୍ଯ୍ୟବିଧି ବା ବିବାହ ବାତିଲ କାର୍ଯ୍ୟବିଧିରେ ଓ ତତ୍ ସଂପର୍କରେ ଉଚ୍ଚ ନ୍ୟାୟାଳୟର ଅଧିକାରିତା ରହିବ, ସର୍ତ୍ତ ଯେପରିକି ଉଭୟ ପକ୍ଷ ସମସ୍ତ ଅତ୍ୟାବଶ୍ୟକ ସମୟରେ ଭାରତର ଅଧିବାସୀ ଥିଲେ, ଏବଂ ଏହି ଅଧିନିୟମର ଉପବନ୍ଧ ମାନଙ୍କର ବଶବର୍ତ୍ତୀ ହୋଇ, ଭାରତୀୟ ବିବାହବିଚ୍ଛେଦ ଅଧିନିୟମ, 1869 ର ଉପବନ୍ଧମାନ ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା ସେପରି କୌଣସି କାର୍ଯ୍ୟବିଧି ପ୍ରତି ପ୍ରଯୋଜ୍ୟ ହେବ, ସତେ ଯେପରିକି ତାହା ସେହି ଅଧିନିୟମ ଅନୁଯାୟୀ କରାଯାଇଥିବା କାର୍ଯ୍ୟବିଧି ଅଟେ :

ପରନ୍ତୁ

(କ) ଆବେଦନକାରୀ ବା ଜବାବଦାତା ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇ ନ ଥିଲେ, ଓ

(ଖ) ବିବାହବିଚ୍ଛେଦ କାର୍ଯ୍ୟବିଧି ବା ବିବାହ ବାତିଲ ବିଷୟକ କାର୍ଯ୍ୟବିଧି ଏହି ଅଧିନିୟମର ପ୍ରାରମ୍ଭଠାରୁ ତିନି ବର୍ଷ ମଧ୍ୟରେ ଆରମ୍ଭ ହୋଇ ନ ଥିଲେ କୌଣସି ବିବାହବିଚ୍ଛେଦ କାର୍ଯ୍ୟବିଧି ବା ବିବାହ-ବାତିଲ ବିଷୟକ କାର୍ଯ୍ୟବିଧି ପ୍ରତି ଏହି ଧାରା ପ୍ରଯୋଜ୍ୟ ହେବ ନାହିଁ ।

**ବ୍ୟାବୃତ୍ତି**

5. ବିବାହବିଚ୍ଛେଦ କାର୍ଯ୍ୟବିଧି ବା ବିବାହ ବାତିଲ କାର୍ଯ୍ୟବିଧିମାନ ଆରମ୍ଭ ହେବା ସମୟରେ ଦଂପତି ଭାରତର କୌଣସି ସ୍ଥାନର ଅଧିବାସୀ ହୋଇଥିଲେ ସେହି ବିବାହବିଚ୍ଛେଦ କାର୍ଯ୍ୟବିଧି ବା ବିବାହ ବାତିଲ କାର୍ଯ୍ୟବିଧିରେ ବା କାର୍ଯ୍ୟବିଧି ସଂପର୍କରେ ଏହି ଅଧିନିୟମର କୌଣସି ବିଷୟ ଉଚ୍ଚ ନ୍ୟାୟାଳୟର ଅଧିକାରିତାକୁ ବିସ୍ତାରିତ ବା ପରିବର୍ତ୍ତିତ କରୁଛି ବୋଲି ବିବେଚିତ ହେବ ନାହିଁ ।

**କେତେକ ଡିକ୍ରୀ ଓ ଆଦେଶ ସ୍ୱୀକୃତ ହେବ ।**

6. ବୈବାହିକ ବାଦାର୍ଥ (ଯୁଦ୍ଧ ବିବାହ) ଅଧିନିୟମ, 1944 ବଳରେ ୟୁନାଇଟେଡ୍ କିଂଗଡମ୍‌ରେ କରାହୋଇଥିବା କୌଣସି ଡିକ୍ରୀ ବା ଆଦେଶର ବିଧିମାନ୍ୟତା ଭାରତର ରାଜ୍ୟଗୁଡ଼ିକରେ ଥିବା ସମସ୍ତ ନ୍ୟାୟାଳୟରେ ଏହି ଅଧିନିୟମ ବଳରେ ସ୍ୱୀକୃତ ହେବ ।

**ନିୟମାବଳୀ ପ୍ରଣୟନ କରିବାର କ୍ଷମତା ।**

7. ଉଚ୍ଚ ନ୍ୟାୟାଳୟ ଏହି ଅଧିନିୟମର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବାପାଇଁ ଆବଶ୍ୟକ ହେଉଥିବା ପ୍ରକାରେ ନିୟମାବଳୀ ପ୍ରଣୟନ କରିପାରିବେ ।